# NATIONAL NEWS BULLETIN (ODIA)

## 22 June 2026

## Midday Bulletin : 1.50 P.M.

*********************************

## ମୁଖ୍ୟ ସମ୍ବାଦ

- ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନ ପରିଦର୍ଶନ କରି ସହରିଆ ଜନଜାତିର ଚିତାମିତ୍ରଙ୍କ ସହ ଭାବ ବିନିମୟ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଛି ବ୍ରିକ୍ସ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମ୍ମିଳନୀ

- ସ୍ୱତନ୍ତ୍ର ରଣନୈତିକ ଭାଗିଦାରି ବୃଦ୍ଧି ଉଦ୍ଦେଶ୍ୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ମଙ୍ଗୋଲିଆ ଗସ୍ତ

- ଆମେରିକା-ଇରାନ ଶାନ୍ତି ଆଲୋଚନା ପରିପ୍ରେକ୍ଷୀରେ ଅଶୋଧିତ ତୈଳ ମୂଲ୍ୟ ୩ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ

ଏବଂ

- ଇଂଲଣ୍ଡ ଗସ୍ତ ଲାଗି ବିସିସିଆଇ ଘୋଷଣା କଲା ଖେଳାଳି ତାଲିକା

## ପ୍ରେଜ୍ ପ୍ରୋଜେକ୍ଟ ଚିତା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମଧ୍ୟପ୍ରଦେଶର ସେଓପୁର ଜିଲ୍ଲାସ୍ଥିତ କୁନୋ ଜାତୀୟ ଉଦ୍ୟାନ ପରିଦର୍ଶନ ସମୟରେ ସହରିଆ

ଜନଜାତିର ଚିତାମିତ୍ରଙ୍କ ସହ କଥାବାର୍ତ୍ତା କରିଛନ୍ତି । ଚିତା ପ୍ରକଳ୍ପରେ ସ୍ଥାନୀୟ ସଂପ୍ରଦାୟର ସକ୍ରିୟ ଯୋଗଦାନ ଏବଂ ଏହାର ପୁନରୁଦ୍ଧାର ନେଇ ସେମାନଙ୍କ ଭୂମିକାକୁ ନେଇ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି ।

ଗତକାଲି ରାଷ୍ଟ୍ରପତି ଚିତା ନିୟନ୍ତ୍ରଣ କେନ୍ଦ୍ର ପରିଦର୍ଶନ କରି ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଚିତା ପ୍ରକଳ୍ପ ସଂପର୍କିତ ପ୍ରଦର୍ଶନୀ ଦେଖିଥିଲେ ।

ସୂଚନା ଅନୁଯାୟୀ ଭାରତରେ ଏବେ ୫୨ଟି ଚିତାବାଘ ଥିବା ବେଳେ କୁନୋ ଜାତୀୟ ଉଦ୍ୟାନରେ ୪୯ଟି ଚିତାବାଘ ଅଛନ୍ତି । ୩ଟି ଚିତାବାଘକୁ ଗାନ୍ଧୀସାଗର ବନ୍ୟ ଜନ୍ତୁ  ଅଭୟାରଣ୍ୟକୁ ସ୍ଥାନାନ୍ତର କରାଯାଇଛି । ରାଷ୍ଟ୍ରପତିଙ୍କୁ ବନ ବିଭାଗ ପକ୍ଷରୁ କୁନୋ ଜାତୀୟ ଉଦ୍ୟାନରେ ପଶୁପକ୍ଷୀଙ୍କ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା । ୨୦୨୨ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଚିତା ପ୍ରକଳ୍ପର ଆରମ୍ଭ କରାଯାଇଥିଲା । ନାମ୍ବିଆରୁ ୮ଟି ଚିତାବାଘ ଅଣାଯାଇ କୁନୋ ଜାତୀୟ ଉଦ୍ୟାନରେ ଛଡ଼ା ଯାଇଥିଲା । ପରେ ଦକ୍ଷିଣ ଆଫ୍ରିକା ଏବଂ ବୋସୱାନାରୁ ଚିତାବାଘ ଆଣି ସେହି ଜାତୀୟ ଉଦ୍ୟାନରେ ଛଡ଼ାଯିବା ପରେ ଚିତାବାଘ ସଂଖ୍ୟା କ୍ରମଶଃ ବୃଦ୍ଧି ଘଟିଥିଲା ।

# ବ୍ରିକ୍ସ-ଏନ୍‌ଏସ୍‌ଏ ମିଟିଂ

ନୂଆଦିଲ୍ଲୀରେ ଆଜିଠାରୁ ବ୍ରିକ୍ସ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଦୁଇଦିନିଆ ସମ୍ମିଳନୀ ଆରମ୍ଭ ହେଉଛି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ୧୧ଟି ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତାମାନେ ଏହି ସମ୍ମିଳନୀରେ ଯୋଗଦେବେ । ସେହି ଦେଶଗୁଡ଼ିକ ହେଉଛି ବ୍ରାଜିଲ, ଚୀନ୍, ଇଜିପ୍ଟ, ଇଥୋଓପିଆ,

ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦିଆରବ, ଦକ୍ଷିଣ ଆଫ୍ରିକା ଏବଂ ୟୁନାଇଟେଡ୍ ଆରବ ଏମିରେଟ୍‌ସ । ସମ୍ମିଳନୀରେ ଆଜିର ବିଶ୍ୱରେ ଦେଖାଦେଉଥିବା ଅଣପାରମ୍ପରିକ ସୁରକ୍ଷା ଆହ୍ୱାନଗୁଡ଼ିକ ବିଷୟରେ ଆଲୋଚନା କରାଯାଇ ଏହାକୁ ପ୍ରତିହତ କରିବା ଦିଗରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସଂପର୍କରେ ଆଲୋକପାତ କରାଯିବ । ବିଭିନ୍ନ ଦେଶର ପ୍ରତିନିଧିମାନେ ସାଇବର ସୁରକ୍ଷା, ଡିଜିଟାଲ ଆହ୍ୱାନ ଏବଂ କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଆହ୍ୱାନଗୁଡ଼ିକ ଉପରେ ବିସ୍ତୃତ ଭାବେ ମତ ବିନିମୟ କରିବେ । କିଛିଦିନ ପୂର୍ବରୁ ବ୍ରିକ୍ସ ଯୁଗ୍ମ କାର୍ଯ୍ୟକାରୀ ଗୋଷ୍ଠୀ ପକ୍ଷରୁ ଆତଙ୍କବାଦ ବିରୋଧୀ ଓ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନା ପୃଷ୍ଠଭୂମିରେ ଗ୍ରହଣ କରାଯାଇଥିବା ପ୍ରସଙ୍ଗଗୁଡ଼ିକ ନେଇ ମତ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ।

## ଇଏମ୍-ମଙ୍ଗୋଲିଆ

ବୈଦେଶିକ ବ୍ୟାପାର ମନ୍ତ୍ରୀ  ଡକ୍ଟର ଏସ୍.ଜୟଶଙ୍କର ଦୁଇଦିନିଆ ମଙ୍ଗୋଲିଆ ଗସ୍ତରେ ଯାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ଭାରତ ଓ ମଙ୍ଗୋଲିଆ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ଭାଗିଦାରିତା ବୃଦ୍ଧି ନେଇ ଆଶା ବ୍ୟକ୍ତ କରିଛନ୍ତି । ଏହି ଗସ୍ତ କାଳରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ମଙ୍ଗୋଲିଆର ନେତୃତ୍ୱଙ୍କ ସହ ଆଲୋଚନା କରିବେ ଓ ତାଙ୍କ ପ୍ରତିପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ବୁଧବାର ଏବଂ ଗୁରୁବାର ଦିନ ବୈଦେଶିକ ବ୍ୟାପାର ନ୍ତ୍ରୀ ଦକ୍ଷିଣ କୋରିଆ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ କାଳରେ ଡକ୍ଟର ଜୟଶଙ୍କର ଦକ୍ଷିଣ କୋରିଆର ବୈଦେଶିକମନ୍ତ୍ରୀ ଚୋ ଇୟୁଁଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ।

ସେଠାରେ ଜେଜୁ ସମ୍ମିଳନୀରେ ଶାନ୍ତି ଏବଂ ପ୍ରଗତି ସଂପର୍କିତ ପ୍ରସଙ୍ଗ ଉପରେ ଡକ୍ଟର ଜୟଶଙ୍କର ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## କତାର ଏକ୍ସପ୍ଲୋଜନ

କତାରର ଏକ ପ୍ରାକୃତିକ ଗ୍ୟାସ୍ ରପ୍ତାନୀ ଭିତ୍ତିଭୂମି ସ୍ଥଳରେ ବିସ୍ଫୋରଣ ଘଟି ୫୪ ଜଣ ଗୁରୁତର ଆହତ ହୋଇଥିବା ବେଳେ ୧୮ ଜଣ ନିଖୋଜ ଅଛନ୍ତି । ସୂଚନା ଅନୁଯାୟୀ, ଗତ ରାତିରେ ସେଠାକାର ଏକ ଗ୍ୟାସ୍ ରପ୍ତାନୀ ଶିଳ୍ପାଞ୍ଚଳରେ ବିସ୍ଫୋରଣ ଘଟିଥିଲା । ଫଳରେ ସଂପୃକ୍ତ ଗ୍ୟାସ୍ ଯୋଗାଣ କେନ୍ଦ୍ରରେ ଭୟାବହ ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିଲା । କ୍ଷୟକ୍ଷତିର ପରିମାଣ ଏପର୍ଯ୍ୟନ୍ତ ଆକଳନ କରିବା ସମ୍ଭବ ହୋଇନଥିବା ବେଳେ ପ୍ରକୃତ ଆହତଙ୍କ ସଂଖ୍ୟା ପରେ ଜଣା ପଡ଼ିବ ବୋଲି ସେଠାକାର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ବିସ୍ଫୋରଣର କାରଣ ଜାଣିବା ଲାଗି ତଦନ୍ତ ଆରମ୍ଭ ହୋଇଛନ୍ତି । ଘଟଣାସ୍ଥଳରେ ନିଖୋଜ ଲୋକମାନଙ୍କୁ ଠାବ କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## କ୍ରୁଡ ଅଏଲ୍

ଆମେରିକା ଓ ଇରାନ ମଧ୍ୟରେ ସୁଇଜରଲ୍ୟାଣ୍ଡରେ ଦ୍ୱିପାକ୍ଷିକ ଶାନ୍ତି ଆଲୋଚନା ଶେଷ ହେବା ପରେ ତୈଳ ଯୋଗାଣ ପ୍ରତିବନ୍ଧକ ଦୂର ହୋଇ ଇରାନର ତୈଳ ରପ୍ତାନୀ ବୃଦ୍ଧି ପାଇବା ଆଶା କରାଯାଉଥିବା ବେଳେ ଅଶୋଧିତ ତୈଳ ମୂଲ୍ୟ ୩ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି । ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ମୂଲ୍ୟ ୨ ପ୍ରତିଶତରୁ ଅଧିକ ହ୍ରାସ ପାଇ ବ୍ୟାରେଲ୍ ପିଛା ଅଣାଅଶୀ ଡଲାର ପାଖାପାଖି ହୋଇଛି । ଆମେରିକା ଏବଂ ଇରାନର ବରିଷ୍ଠ ଅଧିକାରୀମାନେ ପ୍ରଥମ ପର୍ଯ୍ୟାୟ ଆଲୋଚନା

ଶେଷ ହେବା ନେଇ ଘୋଷଣା କରିବା ପରେ ପଶ୍ଚିମ ଏସିଆ ଅଞ୍ଚଳରେ ଯୁଦ୍ଧ ବିରତି ସମୟସୀମା ବୃଦ୍ଧି ପାଇବା ନେଇ ଆଶା ପ୍ରକାଶ ପାଇଛି ।

## ଝାଡ଼ଖଣ୍ଡ ଡେଥ୍

ଝାଡ଼ଖଣ୍ଡରେ ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୨ରୁ ଅଧିକ ଆହତ ହୋଇଛନ୍ତି । ଝାଡ଼ଖଣ୍ଡର ରାମଗଡ଼, ଗିରିଧ, ଖୁଣ୍ଟି, ଦେଓଘର, ଧାନବାଦ ଏବଂ ସାହିବବାଗ ଜିଲ୍ଲାରେ ବଜ୍ରପାତ ଘଟି ଲୋକମାନେ ଆହତ ହୋଇଛନ୍ତି । ଏଥିରେ ଜଣେ ସିପିଆଇ ନେତା, ଜଣେ ୱାର୍ଡମେମ୍ବର ଓ କୃଷକଙ୍କ ସମେତ ଅନ୍ୟ କେତେଜଣଙ୍କର ମୃତ୍ୟୁ ଘଟିଛି । ପ୍ରଶାସନ ପକ୍ଷରୁ ବର୍ଷା ବଜ୍ରପାତ ସମୟରେ ଘରୁ ବାହାରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି । ବିଶେଷକରି ଚାଷଜମି ଏବଂ ଖୋଲାଜାଗାକୁ ନ ଯିବା ଲାଗି ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଯୁବପିଢ଼ି ପାଇଁ ନିଯୁକ୍ତି ସୁଯୋଗ -ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ଅତିରିକ୍ତ କେନ୍ଦ୍ରୀୟ କମିଶନର ପୂର୍ଣ୍ଣେନ୍ଦୁ ଭୂଷଣ ବର୍ମା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ

ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ବିଜେପି-ନବୀନ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଖ୍ୟାତନାମା କୃଷି ବୈଜ୍ଞାନିକ ଏବଂ ପଦ୍ମଭୂଷଣ ବିଜେତା ସରଦାରା ସିଂ ଜୋହଲଙ୍କୁ ଲୁଧିଆନାରେ ସାକ୍ଷାତ କରି କୃଷି ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକ ସଂପର୍କରେ ଆଲୋଚନା କରିଛନ୍ତି । ଶ୍ରୀ ନବୀନ କହିଛନ୍ତି, କୃଷିକ୍ଷେତ୍ରରେ ଅନନ୍ୟ ଅବଦାନ ଦେଇଥିବା ଜୋହଲଙ୍କ ସହ ଆଲୋଚନା କରି ତାଙ୍କ ମତାମତ ଓ ପ୍ରସ୍ତାବ ଦେଶ ପାଇଁ ଲାଭଦାୟକ ହେବ ବୋଲି କହିଛନ୍ତି ।

# ଏୟାରଫୋର୍ସ-ହକି ଟୁର୍ଣ୍ଣାମେଣ୍ଟ

ଏୟାରଫୋର୍ସ ଅର୍ଜନ ସିଂ ମେମୋରିଆଲ୍ ହକି ପ୍ରତିଯୋଗିତାର ସପ୍ତମ ସଂସ୍କରଣ ବେଙ୍ଗାଲୁରୁର ଏୟାର ମାର୍ଶାଲ ଅମିତ୍ ସିଂ ବକ୍ସି ହକି ଷ୍ଟାଡିୟମରେ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ । ଏକ ସାମ୍ବାଦିକ ସମ୍ମିଳନୀରେ ଏୟାର ମାର୍ଶାଲ ଏସ୍.ଶିବକୁମାର ସୂଚନା ଦେଇ କହିଛନ୍ତି ଦେଶର ୧୬ଟି ଟିମ୍ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି । ଭାରତୀୟ ସେନା, ରେଲବାଇ, ସିଆଇଏସ୍‌ଏଫ୍ ସମେତ କର୍ଣ୍ଣାଟକ, ତାମିଲନାଡୁ ଏବଂ ଅନ୍ୟାନ୍ୟ ରାଜ୍ୟର ଦଳଗୁଡ଼ିକ ମଧ୍ୟ ଏହି ପ୍ରତିଯୋଗିତାରେ ଭାଗ ନେବେ । ପ୍ରଥମଥର ପାଇଁ ବେଙ୍ଗାଲୁରୁରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ମଧ୍ୟପ୍ରାଚ୍ୟରେ ସୃଷ୍ଟ ପରିସ୍ଥିତି ଯୋଗୁଁ ବିଦେଶର କୌଣସି ଟିମ୍ ଏଥିରେ ଭାଗ ନେଉନାହାନ୍ତି ।

ସୂଚନା ଅନୁଯାୟୀ ପ୍ରତିଯୋଗିତାରେ ପୁରସ୍କାର ରାଶି ୭ ଲକ୍ଷ ୫୧ ହଜାରରୁ ୨୬ ଲକ୍ଷ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ବିଜେତା ଦଳକୁ ୧୦ଲକ୍ଷ ଟଙ୍କା ବଂ ଉପ-ବିଜେତା ଦଳକୁ ୮ ଲକ୍ଷ ଟଙ୍କା ପ୍ରଦାନ କରାଯିବ ।

# ବିସିସିଆଇ ସ୍କ୍ୱାର୍ଡ

ଆଗାମୀ ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ-ବିସିସିଆଇ ପକ୍ଷରୁ ୧୫ ଜଣିଆ ଦିନିକଆ ଦଳ ଘୋଷଣା କରାଯାଇଛି । ଏହି ଦଳରେ ବିରାଟ କୋହଲି ଏବଂ ଯଶପ୍ରୀତ ବୁମ୍ରାଙ୍କ ଭଳି ବରିଷ୍ଠ ଖେଳାଳିମାନେ ସାମିଲ ହୋଇଛନ୍ତି । ଆସନ୍ତାମାସ ୧୪ ତାରିଖରୁ ଆରମ୍ଭ ହେଉଥିବା ଦିନିକିଆ ମ୍ୟାଚ୍‌ରେ ଶୁଭମନ ଗିଲ ଅଧିନାୟକ ଏବଂ ଶ୍ରେୟସ ଆୟାର ଉପ ଅଧିନାୟକ ଦାୟିତ୍ୱ ତୁଲାଇବେ । ଦଳରେ ରୋହିତ ଶର୍ମା, କେ.ଏଲ୍. ରାହୁଲ, ଇଷାନ କିଶାନ, ୱାଶିଂଟନ୍ ସୁନ୍ଦର, ଅକ୍ଷର ପଟେଲ, ନୀତିଶ କୁମାର ରେଡ୍ଡି, କୁଲ୍‌ଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା, ଅର୍ଶଦୀପ ସିଂ ଏବଂ ଗୁରନୁର ବ୍ରାରଙ୍କୁ ଦଳରେ ସାମିଲ କରାଯାଇଛି ।

ସୂଚନା ଅନୁଯାୟୀ ଜୁଲାଇ ୧୪, ୧୬ ଏବଂ ୧୯ ତାରିଖରେ ଇଂଲଣ୍ଡର ୩ଟି ସ୍ଥାନରେ ଏକଦିବସୀୟ ମ୍ୟାଚ୍ ଅନୁଷ୍ଠିତ ହେବ । ଅନ୍ୟପକ୍ଷରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଆୟାରଲ୍ୟାଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଟି-୨୦ ଦଳରେ ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ନିଆଯାଇଛି ।

# ସିବିଏସ୍ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍ଇ' ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ହୋଇଥିବା ତ୍ରୁଟି ଓ ପୁନଃ ମୂଲ୍ୟାୟନ ଫଳାଫଳ ପ୍ରକାଶ କରିବା ଆରମ୍ଭ କରିଛି । ସିବିଏସ୍ଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିଭିନ୍ନ ଅଭିଯୋଗ ନେଇ ଆସିଥିବା ଆବେଦନଗୁଡ଼ିକ ମଧ୍ୟରୁ ଗତକାଲି ୮୭ ପ୍ରତିଶତ ଅଭିଯୋଗର ତଥ୍ୟ ଦିଆଯାଇଛି । ଅନ୍ୟାନ୍ୟ ଅଭିଯୋଗଗୁଡ଼ିକର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି କୁହାଯାଇଛି । ସୂଚନା ଅନୁଯାୟୀ ଆବେଦନକାରୀମାନେ **results.digilocker.gov.in** ପୋର୍ଟାଲ୍‌ରେ ଲଗ୍ଇନ୍ କରି ସେମାନଙ୍କର ଆବେଦନର ସ୍ଥିତି ଜାଣିପାରିବେ । ପ୍ରତ୍ୟେକଟି ଆବେଦନକୁ ସ୍ୱଚ୍ଛ ଢଙ୍ଗରେ ଯାଞ୍ଚ କରାଯାଉଥିବା ସିବିଏସ୍ଇ ପକ୍ଷରୁ କୁହାଯାଇଛି ।

# ଫିଫା-ଓ୍ୱାର୍ଲଡ କପ୍

ଫିଫା ବିଶ୍ୱକପ୍‌ରେ ଆଜି ସକାଳେ ଅନୁଷ୍ଠିତ ମ୍ୟାଚ୍‌ରେ ଇଜିପ୍ଟ' ନ୍ୟୁଜିଲ୍ୟାଣ୍ଡକୁ ୩-୧ରେ ପରାସ୍ତ କରିଛି । ପୂର୍ବରୁ ଗ୍ରୁପ୍-୧ର ଏକ ମ୍ୟାଚ୍‌ରେ କେପ୍ ବରଦେ ଓ ଉରୁଗୁଏ ମଧ୍ୟରେ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଛି । ଗତରାତିରେ କାଲିଫର୍ଣ୍ଣିଆରେ ଅନୁଷ୍ଠିତ ବେଲ୍‌ଜିୟମ  ଓ ଇରାନ ମଧ୍ୟରେ ମ୍ୟାଚ୍ ମଧ୍ୟ ଗୋଲ୍‌ଶୂନ୍ୟ ରହିଥିଲା । ଗ୍ରୁପ୍-ଏଚ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ସ୍ପେନ୍ ୪-୦ରେ ସାଉଦିଆରବକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଆଜି ରାତି ୧୦ଟା ୩୦ ମିନିଟ୍‌ରେ ଗ୍ରୁପ୍-ଜେ ର ଏକ ମ୍ୟାଚ୍‌ରେ ଆର୍ଜେଣ୍ଟିନା ଏବଂ ଅଷ୍ଟ୍ରିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।